# ତହସିଲ କାର୍ଯ୍ୟାଳୟ , ବିଷମକଟକ

ଦୀର୍ଘ ମିଆଦି ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୧୨୨୪ ତାରିଖ ୧୩.୬.୨୨.

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଷମକଟକ ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଆସାନ୍ତା ୫ ବର୍ଷ ନିମନ୍ତେ ୨୦୨୨-୨୦୨୩ ଆର୍ଥିକ ବର୍ଷଠାରୁ ୨୦୨୬ - ୨୦୨୭ ପର୍ଯ୍ୟନ୍ତ ଲିଜ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।ଇଚ୍ଛୁକ ବ୍ୟକ୍ତିବିଶେଷ (OMMC Rules – 2016 ଦ୍ୱାରା ପ୍ରଣୀତ  Form-M, ପୁରଣ କରି 3ଟି କପି ସହ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ବିଷମକଟକଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ଅଥବା ରେଜେଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଆବେଦନ କରିପାରିବେ ( ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ ) । ଧାର୍ଯ୍ୟ ତାରିଖର ପୁର୍ବ ଦିନ ଅପରାହ୍ନ ଘ. ୫.00 ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବ ନାହିଁ ।କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଦ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ ଓ (ତହସିଲଦାର) ବିଷମକଟକଙ୍କ ରହିଅଛି ।

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ :-

୧ . ଦରଖାସ୍ତ ପାଉଣା ବାବଦ ଟ . 1000 ଙ୍କା ( ଅଣଫେରସ୍ତ )ର ଟ୍ରେଜରୀ ଚାଲାଣ ।

୨ . ସୈରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନ ଥିବା ସମ୍ବନ୍ଧୀୟ ସତ୍ୟପାଠ ।

୩ . ଲିଜଧାରୀ ନୋଟିସ ମଧ୍ୟରେ ଉଲ୍ଲେଖ କରିଥିବା ସୈରାତ ଉତ୍ସର ଏକ ବର୍ଷ ପାଇଁ ନିଶ୍ଚିତ ପରିମାଣର ରୟାଲିଟି ଏବଂ ଅତିରିକ୍ତ ଦାବି ( Additional Charges ) ର ସାତ ପ୍ରତିଶତ Demand Draft ତହସିଲଦାର ବିଷମକଟକ ନାମରେ ଅମାନତ ରାଶି Form-M ସହ ସଂଲଗ୍ନ କରିବେ ଏବଂ ମନୋନୀତ ଲିଜ୍ ଧାରୀ 15 ଦିନ ମଧ୍ୟରେ OMMC Rules -2016 rule 27 ର ଉପଧାରା -7 ଧାରା ଅନୁଯାୟୀ ବଳକା ଅମାନତ ରାଶି ପୈଠ କରିବେ ।

୪ . ବ୍ୟାଙ୍କ ଅଧିକାରୀଙ୍କ ଠାରୁ ପ୍ରାପ୍ତ ବ୍ୟାଙ୍କ ଗେରେଣ୍ଟି ଯାହାର ଅବଧି  ୧୮ ମାସ ଠାରୁ ଅଧିକ ହୋଇନଥିବ ଏବଂ ଉଲ୍ଲେଖ କରାଯାଇଥିବା ବାର୍ଷିକ ନିଶ୍ଚିତ ପରିମାଣର ରୟାଲିଟି ଏବଂ ଅତିରିକ୍ତ ଦାବିର ପରିମାଣ ଠାରୁ  କମ୍ ହୋଇନଥିବ । (OMMC Rule – 2016 ର Rule 27 ର ଉପଧାରା -4 (iv ) )

**ବିଶେଷ ସର୍ତ୍ତାବଳୀ :-**

୧ . ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ 2016 OMMC Rules -2016, ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ ।

୨ . ପ୍ରଚଳିତ ନିୟମାବଳୀ ଅନୁଯାୟୀ ରୟାଲିଟିର ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ /(ଯାହାକି ପ୍ରଚଳିତ ରୟାଲିଟିର 20% ଜିଲ୍ଲାପାଳ ରାୟଗଡାଙ୍କ ଦ୍ୱାରା ଅନୁମୋଦିତ ହୋଇଅଛି ଏହଂ ତାହା ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।ଯଦି ଏକ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତାହାହେଲେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ ।

୩ . ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଉତ୍ତୋଳନ ନିମନ୍ତେ ଉର୍ଦ୍ଧ୍ୱଷ୍ଟ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ଉଲ୍ଲେଖ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ମୂଲ୍ୟ ଏବଂ ପ୍ରଚଳିତ ରୟାଲିଟି କୁ ଗୁଣନ କରି ସଂପୃକ୍ତ ଅର୍ଥକୁ Environment Clearance ଆଣି ସାରିଲାପରେ ପୈଠ କରିବେ । ସଂପୃକ୍ତ ରାଶି ପୈଠ ହେଲାପରେ ରେଜିଷ୍ଟ୍ରେସନ ଆ ୧୯୦୮ ଓ ଷ୍ଟାମ୍ପ ଆ ୧୮୯୯ ଅନୁଯାୟୀ ସଂପୃକ୍ତ ସୈରାତ ଉତ୍ସ ର ଚୁକ୍ତିପତ୍ର Form-N (Lease deed ) ତିନି ସପ୍ତାହ ମଧ୍ୟରେ ସଂପାଦନ କରିବେ ନଚେତ ଜାରି କରାଯାଇଥିବା ହୁକୁମନାମା ରଦ୍ଦ କରାଯିବା ସହ ସଂପୃକ୍ତ ସୁରକ୍ଷା ପାଣ୍ଠି (Security Deposit ) ବାଜ୍ୟାପ୍ତି କରାଯାଇ ସରକାରଙ୍କ ପାଣ୍ଠିରେ ଜମା କରାଯିବ ।

୪ . ଯଦି ସର୍ବୋଚ୍ଚ ଅତିରିକ୍ତ ଦାବି ( Addition Charges ) ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାପ କରନ୍ତି ତାହାହେଲେ ଦ୍ଵିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ଵୟରେ ସୁଯୋଗ ଦିଆଯିବ ।

୫ . ଯଦି ଦରଖାସ୍ତକାରୀ ଧାର୍ଯ୍ୟ ଅତିରିକ୍ତ ଦାବି ( Additional Charges ) ମୂଲ୍ୟଠାରୁ କମ୍ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୬ . ନିଲାମଧାରୀମାନେ OMMC Rules -2016 rule ରେ ଥିବା ୨୭ ର ୧ ରୁ ୧୭ ପର୍ଯ୍ୟନ୍ତ ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟହେବେ ।

୭ . ଲିଜଧାରୀ ବାର୍ଷିକ Surface Rent Deed Rent ରୟାଲିଟି , ଅତିରିକ୍ତ ଦାବି , ଜମା ରୟାଲିଟିର ୨ ପ୍ରତିଶତ ଅର୍ଥ ଆୟକର ବାବାଦକୁ ୧୦ ପ୍ରତିଶତ ଅର୍ଥ ଜିଲ୍ଲା ମିନେରାଲ ପାଣ୍ଠିକୁ ,୫ ପ୍ରତିଶତ ଅର୍ଥ ରାଜ୍ୟ ପରିବେଶ ପରିଚାଳନା ପାଣ୍ଠିକୁ ଏବଂ ୫ ପ୍ରତିଶତ ଅର୍ଥ Compensatory Afforestation Fees ବାବଦକୁ ଅର୍ଥ ଜମା କରିବେ ।

୮ . ଦରଖାସ୍ତକାରୀ Mines Act 1952 ଏବଂ Explosive Act -1884 ର ସମସ୍ତ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ ।

୯ . ଦରଖାସ୍ତକାରୀ ପ୍ରତିବର୍ଷ କେତେ ପରିମାଣର ଲଘୁ ଖଣିଜ ପଦାର୍ଥର ଉତ୍ତୋଳନ କରିବେ ଓ ସର୍ବନିମ୍ନ ଅତିରିକ୍ତ ରୟାଲଟି ବିଷୟରେ ଦରଖାସ୍ତରେ ଉଲ୍ଲେଖ କରିବେ ।

୧୦ . ପ୍ରତିଲିଜ୍ ଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ଏବଂ Environment Clearance ପ୍ରସ୍ତୁତ କରି ଦାଖଲ କରିବେ। ଯଦି ଲିଜ୍ ପ୍ରଦାନକାରୀ ( ତହସିଲଦାର ) ସରକାରୀ ଦେୟରେ ଏସବୁ ପ୍ରସ୍ତୁତ କରିଥିବେ ତେବେ ପରବର୍ତ୍ତୀ ସମୟରେ ଲିଜଧାରୀଙ୍କ ଠାରୁ ଉକ୍ତ ଖର୍ଚ୍ଚ ଲିଜ ରାଜିନାମା ଦାଖଲ ସମୟରେ ଅସୁଲ କରାଯିବ ।

୧୧ . ଲିଜ ପ୍ରଦାନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲଘୁ ଖଣିଜ ପଦାର୍ଥର ବାର୍ଷିକ ସର୍ବନିମ୍ନ ପ୍ରତ୍ୟଭୁତ ପରିମାଣର (Annual Minimum guaranteed quantity) ମୋଟ ରୟାଲଟି/ଅତିରିକ୍ତ ଦାଖଲ EMD କରିବେ । ଏଥିସହ ଲିଜ୍ ପ୍ରଦନ ନିମନ୍ତେ ଚୟନ କରାଯାଇଥିବା ଆବେଦନକାରୀ ଲିଜ୍ ଚୁକ୍ତିର ସମସ୍ତ ସର୍ତ୍ତାବଳୀର ଉପଯୁକ୍ତ ଅନୁପାଳନ ସକାଶେ ୧୦,୦୦୦ ଟଙ୍କା ଅମାନତ ରୁପେ ଜମା କରିବେ । ( ଦ୍ରଷ୍ଟବ୍ୟ ନିୟମ ୪୨ )

୧୨ . ଲିଜ ଅବଧିର ଶେଷ ପର୍ଯ୍ୟାୟ ପରେ ଯଦି ଲିଜ୍ ଧାରୀ ଲିଜ୍ ସର୍ତ୍ତାବଳୀରେ କୌଣସି ଖିଲାପ କରିନଥିବେ ତେବେ ଜମା ହୋଇଥିବା ଅମାନତ ଅର୍ଥ ରାଶି ଫେରସ୍ତ କରାଯିବ ଅନ୍ୟଥା ଉକ୍ତ ରାଶି ବାଜ୍ୟାପ୍ତି କରାଯିବ ।

୧୩ . ଜିଲ୍ଲାପାଳ ବା ଜଙ୍ଗଲ ସଂରକ୍ଷଣ ଅଧିକାରୀ କୌଣସି କାରଣ ଦର୍ଶାଇ ଯେ କୌଣସି ସମୟରେ ଲିଜ୍‌କୁ ନାକଚ କରିପାରିବେ ।

୧୪ . ଯଦି କୌଣସି ଦରଖାସ୍ତକାରୀ ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥାନ୍ତି, ସେହି ଅମାନତ ଅର୍ଥ ରାଶି ଏବଂ ଲିଜ୍ ରାଜିନାମା ଲିଜ୍ ଧାରୀଙ୍କ ଉତ୍ତରାଧିକାରୀ ଅଥବା ଆଇନଗତ ପ୍ରତିନିଧିମାନେ ପୁନଶ୍ଚ ଲିଜ୍ ରାଜିନାମା କରି ସଂପୃକ୍ତ ଖଣି ଲିଜ୍ ପରିଚାଳନା କରିପାରିବେ ।

୧୫ . ଚୟନ ହୋଇଥିବା ସମସ୍ତ ଲିଜ୍ ଧାରୀ ଓଡିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ଧାରା ୨୭, ୨୮, ୨୯, ୩୦, ୩୧, ୩୨ ଏବଂ ୩୩ ଏବଂ ଓଡିଶା ଲଘୁ ଖଣିଜ ରିହାତି ( ସଂଶୋଧିତ ) ନିୟମ ୨୦୧୭ ଏବଂ ୨୦୧୮ ର ସମସ୍ତ ଉପଧାରାର ସର୍ତ୍ତାବଳୀକୁ ମାନିବା ପାଇଁ ବାଧ୍ୟ ।

୧୬ . ସରକାରଙ୍କ ପ୍ରଚଳିତ ଆଦେଶନାମା ଅନୁଯାୟୀ ରୟାଲଟି ମୂଲ୍ୟ ବୃଦ୍ଧିକୁ ନେଇ ଲିଜ୍ ଧାରୀମାନେ ବର୍ଦ୍ଧିତ ଧାରାରେ ରୟାଲଟି ପୈଠ କରିବା ପାଇଁ ବାଧ୍ୟ ।

ପ୍ରଥମେ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସୈରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ( ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କର ରହିଅଛି । ନିଲାମ ସ୍ଥାନ , ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଅଛି । ସୈରାତ ଉତ୍ସ ଗୁଡିକର ସଂପୂର୍ଣ୍ଣ ବିବରଣୀ ଏଥି ସହିତ ସଂଲଗ୍ନ କରାଯାଇଅଛି ।

ନିଲାମ ସ୍ଥାନ : ତହସିଲ କାର୍ଯ୍ୟାଳୟ , ବିଷମକଟକ

ଧାର୍ଯ୍ୟ ତାରିଖ ଓ ସମୟ : ପ୍ରଥମ ପର୍ଯ୍ୟାୟ ତା . ୩୦ ।୦୬ ।୨୦୨୨ ରିଖ ଦିବା ୧୧ ଘଟିକା

: ଦ୍ୱିତୀୟ ପର୍ଯ୍ୟାୟ ତା . ୦୮ ।୦୭ ।୨୦୨୨ ରିଖ ଦିବା ୧୧ ଘଟିକା

: ତୃତୀୟ ପର୍ଯ୍ୟାୟ ତା . ୧୫ ।୦୭।୨୦୨୨ ରିଖ ଦିବା ୧୧ ଘଟିକା

| Sl No. | Name of the Sairat Source | Mouza | Khata No. | Plot No. | Kissam | Area in Acre | Minimum Guaranteed quantity for the entire lease period |
|---|---|---|---|---|---|---|---|
| 1 | Bhejipadar Sand Quarry | Bhejipadar | 18 | 144 | Nala | 1.88 | 6000 Cum |

ସୁରେନ୍ଦ୍ର କୁମାର ଜେନା

ତହସିଲଦାର , ବିଷମକଟକ

ସ୍ମାରକ ପତ୍ର ସଂଖ୍ୟା ୧୪୪୪ ତାରିଖ ୧୩.୫.୨୨

ଏହି ବିଜ୍ଞାପନର ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ / ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ / ପଞ୍ଚାସମିତି କାର୍ଯ୍ୟାଳୟ , ବିଷମକଟକ / ତହସିଲ କାର୍ଯ୍ୟାଳୟ ବିଷମକଟକ ବିଜ୍ଞାପନ ଫଳକରେ ପ୍ରକାଶ କରିବା ନିମନ୍ତ ପ୍ରେରଣ କରାଗଲା ।

ସୁରେନ୍ଦ୍ର କୁମାର ଜେନା
ତହସିଲଦାର , ବିଷମକଟକ

ସ୍ମାରକ ପତ୍ର ସଂଖ୍ୟା ୧୪୪୫ ତାରିଖ ୧୩.୫.୨୨

ଏହି ବିଜ୍ଞାପନର ଏକକିତା ନକଲ ସଂପୃକ୍ତ D .I.O , NIC , ରାୟଗଡାଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ଏବଂ ଏହି ବିଜ୍ଞାପନ'ଟିକୁ www.rayagada.nic.in ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା ।

ସୁରେନ୍ଦ୍ର କୁମାର ଜେନା
ତହସିଲଦାର , ବିଷମକଟକ

ସ୍ମାରକ ପତ୍ର ସଂଖ୍ୟା ୧୪୪୬ ତାରିଖ ୧୩.୫.୨୨

ଏହାର ଏକକିତା ନକଲ ଜିଲ୍ଲାପାଳ , ରାୟଗଡା / ଉପ ଜିଲ୍ଲାପାଳ ଗୁଣୁପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସୁରେନ୍ଦ୍ର କୁମାର ଜେନା
ତହସିଲଦାର , ବିଷମକଟକ